

ଜାତିର ପିତା ଓ ପରମ ପିତା



ଈଶ୍ୱରଦତ୍ତ ସୁଗୁଣଗୁଡ଼ିକ ମଧ୍ୟରେ ଅହିଂସା ସର୍ବଶ୍ରେଷ୍ଠ। ଏହା ଜୀବ ପ୍ରତି ଦୟାଭାବ। ଏହା ଅସୀମ ଶକ୍ତି ଯୋଗାଏ ଏବଂ ଅସମ୍ଭବକୁ ସମ୍ଭବରେ ପରିଣତ କରିପାରେ। ଅହିଂସା ଆଚରଣ କରୁଥିବା ବ୍ୟକ୍ତି କେବେ ନିରାଶ ହୁଏନାହିଁ। ଗାନ୍ଧୀଜୀ ଥିଲେ ଆଦର୍ଶବାଦୀ ଓ ଆଧ୍ୟାତ୍ମବାଦୀ। ସତ୍ୟ ଓ ଅହିଂସାର ପୂଜାରୀ। ସେ କହୁଥିଲେ ଆମକୁ ସବୁବେଳେ କିଛି ନା କିଛି କାର୍ଯ୍ୟ କରିବାକୁ ହେବ। ଛୋଟ ହେଉ ଅବା ବଡ଼। କାର୍ଯ୍ୟ ଯେତେ ଛୋଟ ହେଲେ ମଧ୍ୟ ନିଷ୍ଠା ଓ ପୂର୍ଣ୍ଣ ଆନ୍ତରିକତା ସହ କରିପାରିଲେ, ସଫଳତା ମିଳେ। ମାତ୍ର କାର୍ଯ୍ୟର ଫଳ ଆଶା ରଖନାହିଁ। ଅହିଂସାର ମୂଳ ହେଉଛି ଆମ ମନ। ଅନ୍ୟ ପ୍ରତି ଆମ ମନ ଓ ଭାବନାର ପରିବର୍ତ୍ତନ ହେଉଛି ଅହିଂସା, ଯାହା ଗାନ୍ଧୀଜୀ ପିଲାଟିଦିନୁ ଅଭ୍ୟାସ କରିଥିଲେ। ଆକ୍ଷେପ, ସମାଲୋଚନା ଆଦି ସହ୍ୟ କରୁଥିଲେ। ଏହା ତାଙ୍କର ଦୁର୍ବଳତା ନଥିଲା। ବରଂ ଅନ୍ୟ ପ୍ରତି ଥିଲା ଅହିଂସା ଆଚରଣ। ଦକ୍ଷିଣ ଆଫ୍ରିକାରେ ତାଙ୍କୁ ଟ୍ରେନ୍ ବଗିରୁ ବାହାରକୁ ବାହାରିଯିବାକୁ ବାଧ୍ୟ କରାଯାଇଥିଲା। ଏଥିରେ ତିଳେ ମାତ୍ର ବିଚଳିତ ନ ହୋଇ ସେ ସାରା ରାତି ଉଜାଗର ରହିଥିଲେ ଏବଂ ଅହିଂସା ମାର୍ଗରେ ଅନ୍ୟାୟକୁ ବିରୋଧ କରିବାକୁ ଶପଥ ନେଇଥିଲେ। ଅହିଂସାର ଶକ୍ତି ତାଙ୍କୁ କେବଳ ଶାନ୍ତି ଦେଇନଥିଲା, ଅନ୍ୟ ବିରୋଧରେ ଲଢ଼ିବା ପାଇଁ ମନୋବଳ ଯୋଗାଇଥିଲା। ଏଣୁ ଶାନ୍ତି ପାଇଁ ଅହିଂସାର ପଥ ହିଁ ସର୍ବୋତ୍କୃଷ୍ଟ। ସତ୍ୟ ଓ ଅହିଂସାର ସାଧକ ମହାତ୍ମା ଗାନ୍ଧୀଙ୍କ ଜନ୍ମ ଦିନକୁ ଅହିଂସା ଦିବସ ଭାବେ ପାଳନ କରିବାକୁ ୨୦୦୪ ମସିହାରେ ନୋବେଲ ବିଜେତା ଶିରିନ୍ ଇବାଡି ପ୍ରସ୍ତାବ ଦେଇଥିଲେ। ୨୦୦୭ରେ ଜାତିସଂଘ ଏହାକୁ ଅନୁମୋଦନ ଦେବା ପରେ ଅକ୍ଟୋବର ୨ ତାରିଖ ପ୍ରତିବର୍ଷ ଅହିଂସା ଦିବସ ଭାବେ ପାଳିତ ହୋଇଆସୁଛି। ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ। ସ୍ୱତଃବ୍ୟକ୍ତ କଲେ – କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ। ଭିନ୍ନ ମତାବଲମ୍ବୀ ଲୋକମାନେ ମଧ୍ୟ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ। ମହାତ୍ମାଜୀଙ୍କର ମୃତ୍ୟୁ ଅତ୍ୟନ୍ତ ବେଦନା ଦାୟକ। ଗାନ୍ଧିଜୀ ଥରେ ହିମାଇତପୁର ପାବନା ସତ୍‌ସଙ୍ଗ ଆଶ୍ରମକୁ ଯାଇ କିଛି ଘଣ୍ଟା ସେଠାରେ ବିତାଇଥିଲେ। ମାତା ମନମୋହିନୀ ଦେବୀଙ୍କ ବ୍ୟବହାରରେ ସେ ଅତ୍ୟନ୍ତ ଖୁସି ହୋଇଥିଲେ। ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ–‘‘ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି। ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ଦେଉ। ହେ ପରମପିତା, ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିଦେଉ।’’ ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ। ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ। କାୟମନୋବାକ୍ୟରେ ଏକମୁଖୀ ଚଳନର ଫଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ।



ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା। ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ୍ୟ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ। ଏହା ଆମର ଭଲ ପାଇବା ପକ୍ଷେ ଅପମାନଜନକ ଓ ସନ୍ଦେହଜନକ। ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର। ସମସ୍ତ ପ୍ରକାର ପାପ ଓ ମୃତ୍ୟୁକୁ ପ୍ରତିରୋଧ କରିବା ହିଁ ଆର୍ଯ୍ୟ ସନାତନ ଧର୍ମର ଆହ୍ୱାନ। ‘‘ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ’’ ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ। ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି, ଯୀଶୁଖ୍ରୀଷ୍ଟଙ୍କର ଆବେଷ୍ଟନୀ ଥିଲା ଦୁର୍ବଳ, ମୋର ମନେହୁଏ – ଇଚ୍ଛା କରିଥିଲେ ପିଟର ହି ତାଙ୍କର ଜୀବନ ରକ୍ଷା କରି ପାରିଥାନ୍ତା। ଏକମାତ୍ର ମେରୀ ମ୍ୟାଗଡ଼ାଲିନକୁ ହିଁ ଦେଖାଯାଏ ତାଙ୍କୁ ପ୍ରକୃତ ଭଲ ପାଉଥିଲେ, ସେ ପ୍ରତିରୋଧ କରିବାକୁ ଚେଷ୍ଟା କରିଛନ୍ତି। କ୍ରାଏଷ୍ଟଙ୍କ ମୃତ୍ୟୁ ପରେ ସେ କେବଳ ପାଗଳ ପରି ତାଙ୍କୁ ଖୋଜୁଥିଲେ, ତାଙ୍କରି କଥା ହିଁ ଜ୍ୱଳନ୍ତ ଉନ୍ମାଦନାର ସହିତ କହୁଥିଲେ। ମହମ୍ମଦ ରସୁଲଙ୍କର ଆବେଷ୍ଟନୀ କିନ୍ତୁ ଖୁବ୍ ଶକ୍ତ ଥିଲା। ରସୁଲ୍ ତାଙ୍କର ଶିଷ୍ୟ ବର୍ଗଙ୍କୁ କେତେ ଅନୁରୋଧ କରୁଥିଲେ ଶତୃମାନଙ୍କର ପ୍ରତିଶୋଧ ନ ନେବା ପାଇଁ, କିନ୍ତୁ ତାଙ୍କର ଶିଷ୍ୟମାନେ କହୁଥିଲେ, ତୁମର ଜୀବନ ହାନି ଯାହା ଘଟାଏ ତାହା ଆମେ ବରଦାସ୍ତ କରି ପାରିବୁ ନାହିଁ, ସେ ଆଦେଶ ଆମେ ପାଳନ କରିପାରିବୁ ନାହିଁ। ଏହା ହିଁ ହେଉଛି ଭଲ ପାଇବାର ତେଜୋଦୀପ୍ତ ଉଦାହରଣ। ମାନବ ଜାତି ପ୍ରତି ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ – ଧର୍ମ ଏକ, ସମସ୍ତ ଅବତାର ପୁରୁଷ ଗଣ ଏକ ବାର୍ତ୍ତାବାହୀ ଓ ଏକ ସତ୍ତାବାହୀ। ଧର୍ମ କେବେହେଲେ ବହୁ ବହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ। ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହାବୋଲି ଧର୍ମ ବହୁତ ହୋଇପାରେ ନାହିଁ। ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ବୌଦ୍ଧଧର୍ମ ଇତ୍ୟାଦି ମୋ ମତରେ ଭୁଲ, ବରଂ ସେ ଗୁଡ଼ିକ ସବୁ ମତ। କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ, ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ। ଅଥର୍ବବେଦରେ ଆଲ୍ଲାଙ୍କୁ ଅଲ୍ଲା ବୋଲି କୁହାଯାଇଛି, ଯାହାର ଅର୍ଥ ଯିଏ ସବୁ ଯା କିଛିକୁ ଗ୍ରହଣ କରନ୍ତି। ବହୁ ସମ୍ପ୍ରଦାୟ ଥାଉ କିନ୍ତୁ ସାମ୍ପ୍ରଦାୟିକତାର ବିଲୁପ୍ତି ହେଉ, ସ୍ୱର୍ଗ ବିସର୍ଗ ନହେଉ, ଏକ ସ୍ୱରରେ ସମସ୍ତେ ଗାଇ ଉଠିବା – ‘‘ମା ମ୍ରିୟସ୍ୱ ମା ଯହି ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ।’’

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

ପାଠ, ପାଠାଗାର ଏବଂ ପାଠମେଳା

ମେ' ମାସ ୨୩ ତାରିଖଟିକୁ ୧୯୧୧ ମସିହାରୁ ବିଶ୍ୱପାଠାଗାର ଦିବସରୂପେ ପାଳିତ ହୋଇଆସୁଅଛି। ଏହି ଦିନ ବିଶ୍ୱର ସର୍ବବୃହତ ପାଠାଗାର : ନ୍ୟୁୟର୍କ ପବ୍ଲିକ୍ ଲାଇବ୍ରେରୀକୁ ସର୍ବ ସାର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରାଗଲା। ଏହି ପାଠାଗାରର ବହି ସଂଖ୍ୟା ପାଖାପାଖି ୫ କୋଟି ୧୨ଲକ୍ଷ ଏବଂ ଏଥିରେ କାର୍ଯ୍ୟରତ କର୍ମଚାରୀ ସଂଖ୍ୟା ୩,୧୪୭। ଏହା ବିଶ୍ୱର ଏକ ବୃହତ ଗବେଷଣାଗାର। ଆମେରିକାର ବିଭିନ୍ନ ସ୍ଥାନରେ ଏହାର ଶାଖା କାର୍ଯ୍ୟାଳୟମାନ ଖୋଲାଯାଇଛି ଏବଂ ସବୁଶ୍ରେଣୀର ପାଠକ ଏବଂ ଗବେଷକମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୃଥିବୀର ପ୍ରତ୍ୟେକ ଦେଶରେ ସରକାରୀ, ବେସରକାରୀ ଏବଂ ବ୍ୟକ୍ତିଗତ ସ୍ତରରେ ପାଠାଗାରମାନ ଖୋଲାଯାଇଛି, ପାଠାଗାର କହିଲେ ଯେଉଁଠି ସାଧନ ବା ଗବେଷଣା ପାଇଁ ବହି/ପୁସ୍ତକ, ଶିଳାଲିପି, ପୋଥି, ତାମ୍ରଲିଖିତ ଫଳକ ଇତ୍ୟାଦି ସଂଗୃହୀତ ହୋଇ ଏକତ୍ରିତ ଭାବେ ଜ୍ଞାନର ବିତରଣ ପାଇଁ ରଖାଯାଇଥା'ନ୍ତି। ବହିଟିଏ କୌଣସି ବ୍ୟକ୍ତିବିଶେଷଙ୍କର ମୁଣ୍ଡ ମସଲାର ଲିଖିତ ଦଲିଲ ଯାହାକି ଭବିଷ୍ୟତ ପାଇଁ ଶିକ୍ଷଣର ଉତ୍ସ। ଏହା ଜ୍ଞାନର ଭଣ୍ଡାର ଏବଂ ନିରକ୍ଷରତା ଦୂରୀକରଣରେ ସହାୟକ ଅଟେ। ବହୁଦୂର ଅତୀତରୁ ଶିକ୍ଷାର ବିକାଶ ନିମନ୍ତେ ଶାସକ ତଥା ବଦାନ୍ୟ ବ୍ୟକ୍ତିମାନେ ପାଠାଗାରମାନ ସ୍ଥାପନ କରିଯାଇଛନ୍ତି, ଯାହାକି ଗରିବ ଏବଂ ମେଧାବୀ ଛାତ୍ରମାନଙ୍କୁ ବିନା ଶୁଳ୍କରେ ପାଠପଢ଼ିବାର ସୁଯୋଗ ଦେଇ ଆସୁଅଛି। ପାଠାଗାରରେ ଆବଶ୍ୟକତାକୁ ନେଇ ବିଭିନ୍ନ ଶ୍ରେଣୀର ବହି ପାଠକ ଓ ଗବେଷକମାନଙ୍କ ସେବାକୁ ମହଜୁଦ୍ ଥାଏ। ଏଣୁ ପୁସ୍ତକପ୍ରେମୀମାନେ ଏହାର ସୁଯୋଗ ପାଠାଗାରରେ ନିଅନ୍ତି। ପାଠାଗାରରୁ ବହି କ୍ରୟ ବା ଦାନାର୍ଥେ ଗ୍ରହଣ କରାଯାଇଥାଏ। ଯାହା କ୍ରୟ କରାଯାଏ ତାହା ପୁସ୍ତକାଳୟ ବା ସିଧାସଳଖ ଲେଖକ ବା ପ୍ରକାଶକଙ୍କଠାରୁ କ୍ରୟ କରାଯାଇଥାଏ। ପୂର୍ବେ ଦୂରଦୂରାନ୍ତ ଯାଇ ଏ ପୁସ୍ତକ କ୍ରୟ ବା ସଂଗ୍ରହ କରାଯାଉଥିଲା; କିନ୍ତୁ ସର୍ବଶିକ୍ଷା ଅଭିଯାନରେ ପାଠ ପିଲାର ଦୁଆରେ ପହଞ୍ଚିଲା ପରି ଏବେ ବହି ବିକାଳୀ ବା ଦୋକାନୀମାନେ ଆମ ଗାଁରେ ଅଥିବା ଆମ ଗାଁଠୁ କେଇ ବାଟ ଦୂର ସହରରେ ବିଭିନ୍ନ ହାଟପରି ଏବେ ଆମର ଚାଲିଛି ବହିହାଟ ଯାହାକୁ ଭିନ୍ନ ଭାଷାରେ କୁହନ୍ତି ପାଠମେଳା ବା ପୁସ୍ତକମେଳା। ଏବେ ଏହି ପୁସ୍ତକ ମେଳାକୁ ଏକ ଆନ୍ଦୋଳନ ରୂପେ ଗ୍ରହଣ କରାଯାଇଛି। ଏହା ସାହିତ୍ୟ ପ୍ରେମୀ, ପାଠକ, କବି, କଳାକାର ଏବଂ ଅନୁରୂପ ସଂସ୍କୃତି ସଂପନ୍ନ ବ୍ୟକ୍ତିମାନଙ୍କ ପାଇଁ ଏକ ଆକର୍ଷଣର ବିନ୍ଦୁ ପାଲଟିଛି। ବିଶ୍ୱର ପ୍ରଥମ ପୁସ୍ତକମେଳା ୧୬୨୨ ମସିହାରେ ଜର୍ମାନୀର ଫ୍ରାଂଙ୍କଫଟରେ ଆୟୋଜନ କରାଯାଇଥିଲା। ଅବଶ୍ୟ ଏହା ପୂର୍ବରୁ ୧୪୮୦ ମସିହାରେ ଲଣ୍ଡନର ଷ୍ଟରିଲିକ୍ ମେଳାରେ ପିଟର ଓ ଜୁଆନ ଦୁଇଭାଇ, ‘ବୁକ୍ ସେଲର୍ସ ରୋ’ ନାମକ ଏକ ସଂସ୍ଥା ଗଢ଼ି ବହି ବିକ୍ରୟ କରିଥିଲେ। ଏହା ଥିଲା ଏକ ଅଭିନବ ବ୍ୟବସ୍ଥା। ଯାହାର ଭବିଷ୍ୟତ ରୂପରେଖ ହେଲା ପୁସ୍ତକ ମେଳା ‘ଫ୍ରାଂକଫର୍ଟ’ ପୁସ୍ତକମେଳା ଏବେ ବି ଆୟୋଜିତ ହେଉଅଛି। ଆନ୍ତର୍ଜାତିକ ପୁସ୍ତକମେଳାମାନଙ୍କ ମଧ୍ୟରେ ଥିବା ବୃହତ୍ତମ ମଧ୍ୟରୁ ଏହା ଅନ୍ୟତମ। ୧୯୬୬ ମସିହାରେ ପ୍ରଥମଥର ପାଇଁ ବିଶ୍ୱରେ ଏହି ପ୍ରକାର ଏକ ପୁସ୍ତକ ମେଳାର ଆୟୋଜନ କରାଯାଇଥିଲା। ୧୯୭୨ ମସିହାକୁ ଆନ୍ତର୍ଜାତିକ ପୁସ୍ତକ ଦିବସ ରୂପେ ପାଳିତ ହୋଇଥିଲା ଏବଂ ସେବେଠୁ ଏପ୍ରିଲ ୨୩ ତାରିଖକୁ ବିଶ୍ୱ ପୁସ୍ତକ ଦିବସ ରୂପେ ପାଳିତ ହୁଏ। ମାର୍ଚ୍ଚ ୧୮, ୧୯୭୨ ମସିହାରେ ଦିଲ୍ଲୀରେ ଆୟୋଜିତ ପୁସ୍ତକ ମେଳାକୁ ଆନ୍ତର୍ଜାତିକ ପୁସ୍ତକ ମେଳାର ମାନ୍ୟତା ଦିଆଯାଇଥିଲା। ୧୯୭୬ ମସିହାରେ କଲିକତା ପୁସ୍ତକ ମେଳାର ଆୟୋଜନ ହୋଇଥିଲା। ଏହା “ପବ୍ଲିଶର୍ସ ଏଣ୍ଡ ବୁକ୍ ସେଲର୍ସ ଗିଲଟ୍’ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ବିର୍ତ୍ତମାନ ଏହା ଉଭୟ ଦର୍ଶକ ଓ ପାଠକ’ ଏବଂ “ବିକ୍ରି’ ଦୃଷ୍ଟିରୁ ଭାରତର ବୃହତ୍ତମ ପୁସ୍ତକ ମେଳା। ଓଡ଼ିଶାରେ ୧୯୮୦ ମସିହାରେ ପ୍ରଥମେ ପୁସ୍ତକମେଳା ଆରମ୍ଭ ହେଲା। ଏହା ଅନୁଷ୍ଠିତ ହୋଇଥିଲା କଟକ ଷ୍ଟାଡ଼ିୟମ ବୁକ୍ ହାଉସ୍‌ରେ। ଏହାପରେ ଲେଖକ ସାମ୍ମୁଖ୍ୟ ଆନୁକୂଲ୍ୟରେ ଏବଂ ନ୍ୟାସନାଲ ବୁକ୍ ଟ୍ରଷ୍ଟ ସହାୟତାରେ ୧୯୮୫ ମସିହାରେ ପ୍ରଥମେ ଭୁବନେଶ୍ୱରରେ ମେଳା ଆହୁତ ହୋଇଥିଲା। ଏହା ଉତ୍କଳ ସଂଗୀତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହାପରେ ଆରମ୍ଭ ହୁଏ ରାଜଧାନୀ ପୁସ୍ତକ ମେଳା। ଏବେ ରାଜଧାନୀ ଭୁବନେଶ୍ୱରରେ ଚାରିଗୋଟି ପୁସ୍ତକମେଳା ଅନୁଷ୍ଠିତ ହେଉଅଛି ଏବଂ ରାଜଧାନୀର ସରହଦ ଡେଇଁ ବର୍ତ୍ତମାନ ପ୍ରତିଜିଲ୍ଲା ମୁଖ୍ୟ ବା ସବ୍‌ଡ଼ିଭିଜନ୍ ମୁଖ୍ୟ ସ୍ଥାନମାନଙ୍କରେ ପୁସ୍ତକମେଳା ଚାଲିଛି। ଏଥିରୁ ଅନୁମିତ ହୁଏ ଯେ ବହିର ଆଦର ଅଛି। ନୋହିଲେ ତ ବହି ବିକ୍ରି ନହେଲେ, ପୁସ୍ତକ ମେଳାର ପ୍ରଶ୍ନ ନଥା'ନ୍ତା। ଏହି ପୁସ୍ତକମେଳା ପାଠାଗାର ଆନ୍ଦୋଳନକୁ ଉଦ୍‌ବୁଦ୍ଧ କରୁ। ପାଠକମାନେ ନିଜ ଘରେ ବ୍ୟକ୍ତିଗତ ପାଠାଗାର କରନ୍ତୁ; ଗ୍ରାମ୍ୟ ବା ସହରୀ ପାଠାଗାରମାନ ଗଢ଼ିଉଠୁ। ଲୋକ ଏହାର ସଦ୍‌ବ୍ୟବହାର କରନ୍ତୁ ଏବଂ ଜ୍ଞାନାର୍ଜନ କରନ୍ତୁ।

ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୧୩

ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦ ପକ୍ଷରୁ ସନ୍ଥକବି ଭୀମଭୋଇଙ୍କ ୧୭୫ତମ ଜୟନ୍ତୀ ଦିବସ ପାଳିତ

ଅନୁଗୋଳ (ପିଏନ୍): ଅନୁଗୋଳ ଉପକଣ୍ଠସ୍ଥ ଅଙ୍ଗାରବନ୍ଧ ଗ୍ରାମର ମହିମା ଧାମଠାରେ ସନ୍ଥକବି ଭୀମ ଭୋଇଙ୍କ ୧୭୫ତମ ଜୟନ୍ତୀ ଦିବସ ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦ ଓ ମହିମା ଧାମ ପରିଚାଳନା କମିଟିର ମିଳିତ ସହଯୋଗରେ ପାଳିତ ହୋଇଯାଇଛି। ମହିମା ଧାମ ପରିଚାଳନା କମିଟିର ସଂପାଦକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଏକ ସ୍ମୃତିସଭାର ଆୟୋଜନ କରାଯାଇ ସନ୍ଥକବିଙ୍କ ବିଭିନ୍ନ ଗୁଣାବଳୀ ଓ କବିତା ଉପରେ ଆଲୋଚନା କରି ଭୀମ ଭୋଇ ଏକାଧାରରେ ଜଣେ କବି, ସମାଜ ସଂସ୍କାରକ ତଥା ମହିମା ଧର୍ମର ପ୍ରଚାରକ ଥିଲେ ବୋଲି ଉପସ୍ଥିତ ବକ୍ତାମାନେ ପ୍ରକାଶ କରିଥିଲେ। ପ୍ରଥମେ ବାବା ମୁରଲୀ ଦାସଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆଲୋଚନା ଚକ୍ରକୁ ଉଦ୍‌ଘାଟନ କରି ଭୀମ ଭୋଇଙ୍କ ଦ୍ୱାରା ରଚିତ ଅଷ୍ଟ ଭଜନ ଗାନ ଉପରେ ଆଲୋକପାତ କରିଥିଲେ। ପରିଷଦର ଉପଦେଷ୍ଟା ଆଡଭୋକେଟ ଗୋପାଳ ନାଥ ଭୀମ ଭୋଇଙ୍କ ଦର୍ଶନ ଓ ମହିମା ଧର୍ମ ଉପରେ ତା'ର ପ୍ରଭାବ ସହ ମହିମା ଗୋଷେଇଁଙ୍କ ଦ୍ୱାରା ପ୍ରଭାବିତ ହୋଇ ମହିମା ଧର୍ମର ପ୍ରଚାର ପ୍ରସାର ଦିଗରେ ତାଙ୍କର ସମସ୍ତ ସାଧନାକୁ ଉତ୍ସର୍ଗ କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ପରିଷଦର ସାଧାରଣ ସଂପାଦକ ଦୁଷ୍ମନ୍ତ ସାହୁ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଭୀମ ଭୋଇ ଜୟନ୍ତୀକୁ ଏବର୍ଷ ଫନିର ପ୍ରାଦୁର୍ଭାବକୁ ଆଖିରେ ରଖି ନିରାଡମ୍ବର ଭାବେ ପାଳନ କରାଯାଇଥିବା ଘୋଷଣା କରିଥିଲେ। ଫନି ଭଳି ଭୟାବହ ବାତ୍ୟା ଓଡିଶାର ମେରୁଦଣ୍ଡକୁ ଦୋହଲାଇ ଦେଇଥିବାରୁ ପୀଡିତମାନଙ୍କ ପାଇଁ ସମବେଦନା ଜଣାଇ ସେମାନେ ଏଭଳି ବିପତ୍ତିକୁ ଧୈର୍ଯ୍ୟର ସହ ମୁକାବିଲା କରୁଥିବାରୁ ସଂଗଠନ ସଂପାଦକ ବିଜ୍ଞାନୀ ବେହେରା ଏକ ପ୍ରସ୍ତାବ ଜରିଆରେ ମହିମା ଗୋଷେଇଁ ସେମାନଙ୍କୁ ଅଶେଷ ଶକ୍ତି ପ୍ରଦାନ କରନ୍ତୁ ବୋଲି ପ୍ରକାଶ କରିବା ସହ ସମୁହ ପ୍ରାର୍ଥନା ପାଇଁ ଉପସ୍ଥିତ ସମସ୍ତଙ୍କୁ ନିବେଦନ କରିଥିଲେ। ଉକ୍ତ ଆଲୋଚନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ଭକ୍ତ ପରମା ଦେହୁରୀ, ଆଡଭୋକେଟ ଅକ୍ଷୟ ସାହୁ, କବି ଅଲେଖ ଚନ୍ଦ୍ର ବେହେରା, ଟନି ବେହେରା, ଡାକ୍ତର ସାହୁ, ମହୁର ପ୍ରଧାନ ପ୍ରମୁଖ ସନ୍ଥକବି ଭୀମ ଭୋଇଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା କରିଥିଲେ। ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାପତି ସଭା ସଙ୍ଗ କରିଥିଲେ।

ଗୋପାଳ ଚନ୍ଦ୍ର ନାଥ, ଓକିଲ, ଉପଦେଷ୍ଟା, ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦ

ପ୍ରଦେଶ କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସ ପାଳିତ

ଭୁବନେଶ୍ୱର (ପିଏନ୍)-ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କର ଶ୍ରାଦ୍ଧ ଦିବସ ଓଡିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନରେ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ରାଜୀବ ଭବନ ପରିସରରେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ରାଜୀବଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ହେମାନନ୍ଦ ବିଶ୍ୱାଳ, ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, କିଶୋର ଜେନା, ଶୁଭେନ୍ଦୁ ମହାନ୍ତି, ମନୋରଂଜନ ଦାଶ, ପଦ୍ମାକର ଗୁରୁ, ବିକ୍ରମ ସାହୁ, ଚିନ୍ମୟ ସୁନ୍ଦର ଦାସ, ମାନସ ଆଚାର୍ଯ୍ୟ, ଲିଙ୍ଗରାଜ ସାହୁ, ଜ୍ୟୋତିଷ ସାହୁ, ମନୋଜ ଜେନା, ପ୍ରଣତି ମିଶ୍ର, ସ୍ୱାଧିନବାଳା ଦାସ, ତରୁଣ ମିଶ୍ର, ମନୋରଂଜନ ରାଉତରାୟ, ରସିକ ପଟ୍ଟନାୟକ, ଦୀପକ ସାହୁ, ବାଙ୍କନିଧି ବେହେରା, ଜାନକୀ ମଲ୍ଲିକ, ନିରେଶ ପାତ୍ର, ଆଲୋକ ମହାନ୍ତି, ନିହାର ବଳ, ମଂଟୁ ମଲ୍ଲିକ, ସଂକୁନା କହଁର, ସଂଜୟ ମିଶ୍ର, ଦେବେନ୍ଦ୍ର ଦାସ, ଛବି ମହାନ୍ତି ପ୍ରମୁଖ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ତରଫରୁ ବାତ୍ୟା ବିପନ୍ନଙ୍କୁ ରିଲିଫ ସହାୟତା

ଭୁବନେଶ୍ୱର (ପିଏନ୍): ଫନି ପ୍ରଳୟର ପ୍ରଭାବରେ ଉଜୁଡ଼ି ଯାଇଥିବା ଜୀବନ ଜୀବିକାକୁ ସ୍ୱାଭାବିକସ୍ତରକୁ ଫେରାଇ ଆଣିବାକୁ ସରକାରୀ ଓ ବେସରକାରୀସ୍ତରରେ ବର୍ତ୍ତମାନ ସୁଦ୍ଧା ଜୋରସୋର୍‌ରେ ଉଦ୍ୟମ ଜାରି ରହିଛି। ଏବେ ସୁଦ୍ଧା ବିଭିନ୍ନ ଗୁରୁତର ପ୍ରଭାବିତ ଅଞ୍ଚଳରେ ସାମାଜିକ ସଂଗଠନମାନଙ୍କ ତରଫରୁ ବିପନ୍ନମାନଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରାଯାଉଅଛି। ପ୍ରାକୃତିକ ଦୁର୍ବିପାକ ବେଳେ ସବୁ ସମୟରେ ଲୋକଙ୍କୁ ସହଯୋଗର ହାତ ବଢାଇ ଆସୁଥିବା ଦେଶର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ, ବମ୍ବେ ଓଡ଼ିଆ ମହାସଂଘ, ବମ୍ବେ ଓଡ଼ିଆ ଓମେନ୍ ଆସୋସିଏସନ, ପ୍ରବାସୀ ଓଡ଼ିଆ ପରିବାର ତରଫରୁ ମିଳିତ ଭାବେ ପୁରୀ ସହରର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳରେ ବାତ୍ୟା ବିପନ୍ନଙ୍କୁ ରିଲିଫ୍ ବଣ୍ଟନ କରାଯାଇଅଛି। ଗୁରୁତର ପ୍ରଭାବିତ ପୁରୀ ସହରର ୧୭ ନମ୍ବର ୱାର୍ଡ଼ ଅନ୍ତର୍ଗତ ମାର୍କଣ୍ଡେଶ୍ୱର ସାହି, ପତିତପାବନ ଲେନ ପ୍ରଭୃତି ଅଞ୍ଚଳରେ ଅନୁଷ୍ଠାନର ସଦସ୍ୟମାନଙ୍କ ଦ୍ୱାରା ଚାଉଳ, ଚୁଡ଼ା, ମହମବତୀ, ମଶାବତି, ଦିଆସିଲ, ଗୁଡ଼, ଚିନି, ଅମୁଲ ଓ ପାଣିବୋତଲ ଇତ୍ୟାଦି ଅତ୍ୟାବଶ୍ୟକ ସାମଗ୍ରୀମାନ ପ୍ରଦାନ କରାଯାଇଥିଲା। ୧୭ ନମ୍ବର ୱାର୍ଡ଼ କାଉନସେଲର ଦୀନମଣି ଦେବୀଙ୍କ ସହଯୋଗରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ପରିବାରକୁ ରିଲିଫ୍ ପ୍ୟାକେଟ ଦିଆଯାଇଥିଲା। ରିଲିଫ ବଣ୍ଟନ ବେଳେ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନର ଅଧ୍ୟକ୍ଷ ଓ ବମ୍ବେ ଓଡ଼ିଆ ମହାସଂଘର ସଭାପତି ଡଃ ବିପିନ ବିହାରୀ ମିଶ୍ର, ବମ୍ବେ ଓଡ଼ିଆ ଓମେନ ଆସୋସିଏସନର ଡଃ କାନନୀକା ତ୍ରିପାଠୀ, ଲାୟନ୍ସ କ୍ଲବର ଇଂ ବିପିନ ବିହାରୀ ନାୟକ, ସ୍ୱେଚ୍ଛାସେବୀ ଅଶୋକ ମହାପାତ୍ର, ସ୍ୱେଚ୍ଛାସେବୀ ତଥା ସାମାଜିକ କର୍ମୀ ବାଳକୃଷ୍ଣ ରାଉତ ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କ ଅଭାବ ଅସୁବିଧାମାନ ପଚାରି ବୁଝିଥିଲେ ଏବଂ ଖୁବ୍ ଶୀଘ୍ର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବାକୁ ଅନୁଷ୍ଠାନ ତରଫରୁ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web :www.maharishipublicschool.com

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web :www.maharishipublicschool.com

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
A complete Chemistry point for funding fundamentals.
Contact for Coaching in +2 Science, CBSE, OJEE (E&M), AIPMT & AIEEE

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Gyandeep
THE CRECHE

Phagun Communication